

ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



# କୋଟପାଡ଼-ବଣିଆ ରାସ୍ତାରେ ଅଣ୍ଟାଏ ପାଣି

## ହନ୍ତସନ୍ତ ହେଲେ ହାଟକୁ ଆସୁଥିବା ବହୁ ଗ୍ରାମବାସୀ

ଚାନ୍ଦିଲି(କୋଟପାଡ଼), ୩।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ କୋଟପାଡ଼-ବଣିଆ ରାସ୍ତା ଉପରେ ଅଣ୍ଟାଏ ପାଣି ଜମି ଯାତାୟାତ ବ୍ୟାହତ ହୋଇଛି। ସହର ଉପକଣ୍ଠ ଦମୟନ୍ତୀ ସାଗର ଶେଷ ମୁଣ୍ଡରେ ଥିବା ଚିଙ୍ଗୁଡିସର ନାଳ ପୋଲ ଉପରେ ବର୍ଷାଜଳ ଏବଂ ଦମୟନ୍ତୀ ସାଗରର ନିଷ୍କାସିତ ଜଳ ଯୋଗୁ ତାହା ରାସ୍ତା ଉପରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ମଙ୍ଗଳବାର ସାପ୍ତାହିକ ହାଟ ଏବଂ ନୂଆଖାଇ ଥିବା ଯୋଗୁ ବଣିଆ, ଆସନା, ଗୁଆଳି ସମେତ ନବରଙ୍ଗପୁର ଜିଲା ଅନ୍ତର୍ଗତ ବହୁ ଗ୍ରାମରୁ ଶତାଧିକ ଲୋକେ ହାଟକୁ ଆସିଥିବା ବେଳେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଅଣ୍ଟାଏ ପାଣି ଭିତର ଦେଇ ଲୋକେ ସାଇକେଲ, ବାଇକ ଠେଲି ପାର ହେଉଥିବା ବେଳେ ଚାରିଚକିଆ ଏବଂ ଅଟୋରିକ୍ସା ଚଳାଚଳ ବନ୍ଦ ଥିଲା। ଯଦ୍ୱାରା ଯାତ୍ରୀମାନେ ହଇରାଣ ହୋଇଥିଲେ।



ଆଣ୍ଠୁଏ ପାଣିରେ ଲୋକେ ସାଇକେଲ୍ ବାଇକ୍ ନେଇ ଯାଉଛନ୍ତି।

ସୂଚନାଯୋଗ୍ୟ ଯେ, ଦମୟନ୍ତୀ ସାଗର ଓ ସହରର ବିଭିନ୍ନ ସ୍ଥାନରୁ ବର୍ଷାଜଳ ଏହି ନାଳ ଦେଇ ନିଷ୍କାସିତ ହେଉଥିବା ବେଳେ ପୋଲଟି ରାସ୍ତାଠାରୁ ତଳୁଆ ଥିବା ହେତୁ ପ୍ରତି ବର୍ଷ ଏ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ରାସ୍ତା ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଜଣେଇଥିଲେ ମଧ୍ୟ ଦୃଷ୍ଟି ଦିଆଯାଇ ନ ଥିବା ମତ ପ୍ରକାଶ କରିଛନ୍ତି ଅନେକ ନେତୃବୃନ୍ଦ। ସେହିଭଳି ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବହୁବାର ଅବଗତ କରେଇଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ଏଯାବତ ପଦକ୍ଷେପ ନିଆଯାଇ ନ ଥିବା ତାଙ୍କ ପ୍ରତିନିଧି ଜଗଦିଶ ଚନ୍ଦ୍ର ହୋତା ପ୍ରକାଶ କରିଛନ୍ତି। ବଣିଆଠାରେ ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣ ପରେ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହାନ, ସ୍କୁଲ କଲେଜ ଛାତ୍ରୀଛାତ୍ର, ବ୍ୟବସାୟୀ ଯାତାୟାତ କରୁଛନ୍ତି। ରାସ୍ତାଟି ନବରଙ୍ଗପୁର ଜିଲା ଓ କୋଟପାଡ଼ ମଧ୍ୟରେ ଯୋଗାଯୋଗର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ପ୍ରତ୍ୟେକ ବର୍ଷ ଏ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ପୋଲ ତଳକୁ ଖସିଲା କାର୍



କୋରାପୁଟ/ପୋଡ଼ାଗଡ଼,୩।୯(ସ୍ୱ.ପ୍ର.): କୋରାପୁଟ-ପୋଡ଼ାଗଡ଼ ରାସ୍ତାର କୋରାପୁଟ ବ୍ଲକ ଗୁଡିଆମ୍ବା ଗ୍ରାମ ନିକଟରେ ଏକ କାର୍ ଦୁର୍ଘଟଣା ଘଟି ସେଠାରେ ଥିବା ଏକ ବ୍ରିଜ ତଳକୁ ଖସି ପାଣିରେ ପଡ଼ିଛି। ମଙ୍ଗଳବାର ବଡି ଭୋର୍‌ରୁ ଏହି ଦୁର୍ଘଟଣା ହୋଇଛି। ଖବର ପାଇ କୋରାପୁଟ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର କାରଣ ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି। ଏହି କାର୍‌ଟି ଚିକିରି ଅଞ୍ଚଳର ବୋଲି ଜଣାପଡ଼ିଛି। କୋରାପୁଟ ସଦର ଥାନା ନିର୍ଦ୍ଦେଶକ୍ରମେ କୋରାପୁଟରୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମଙ୍ଗଳବାର ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ପଦାକୁ କାଢ଼ିଛନ୍ତି।

### ତାମ୍ପରାରେ ବୁଡି ଜଣେ ମୃତ

ଛତ୍ରପୁର,୩।୯(ଡି.ଏନ.ଏ)-ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦରେ ବୁଡି ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁରସ୍ଥିତ ଗାନ୍ଧୀନଗର ୫ମ ଲେନ୍‌ର ଚିନ୍ମୟ ସାହୁ (୩୪)। ମଙ୍ଗଳବାର ଅପରାହ୍ନରେ ଚିନ୍ମୟ ତାଙ୍କର ୩ ସହଯୋଗୀଙ୍କ ସହ କାର୍ ଯୋଗେ ତାମ୍ପରାକୁ ବୁଲି ଆସିଥିଲେ। ଚିନ୍ମୟ ତାମ୍ପରାରେ ଗାଧୋଉଥିବା ବେଳେ ଅସାବଧାନତାରୁ ବୁଡି ଯାଇଥିଲେ। ସେଠାରେ ଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

## ନଦୀସ୍ରୋତରେ ଭାସିଯାଇ ଜଣେ ନିଖୋଜ

ବୋରିଗୁମ୍ମା,୩।୯(ଡି.ଏନ୍.ଏ.): ବୋରିଗୁମ୍ମା ବ୍ଲକ ଚାବେରୀ ନଦୀରେ ଭାସିଯାଇ ଜଣେ ନିଖୋଜ ହୋଇଛନ୍ତି। ସେ ହେଲେ ହରଡ଼ାଗୁଡ଼ା ପଞ୍ଚାୟତର ଡମ୍ବ ତୁରୁଞ୍ଜି ଗ୍ରାମର ୫୦ବର୍ଷୀୟ ଚିନ୍ତାମଣି ମୁଦୁଲି। ସୋମବାର ରଣସପୁର ସାପ୍ତାହିକ ହାଟକୁ ସେ ଆସିଥିଲେ। ଅପରାହ୍ନ ୪ଟା ବେଳେ ସେ ରଣସପୁର ସଟ୍‌କଟ୍ ରାସ୍ତା ଦେଇ ନିଜ ଗାଁକୁ ଫେରୁଥିଲେ। ବାଟରେ ଚାବେରୀ ନଦୀ ଅତିକ୍ରମ କରିବାକୁ ପଡ଼େ। ଦିନ ତମାମ ଲଗାଣ ବର୍ଷା ଯୋଗୁ ନଦୀରେ ଜଳ ସ୍ରୋତ ବଢ଼ିଥିଲା। ଅନେକ ଲୋକ ଡରି ଫେରି ଯାଇଥିବା ବେଳେ ଚିନ୍ତାମଣି କିନ୍ତୁ ନଦୀପାର ହେବା ପାଇଁ ପାଣି ଭିତରକୁ ଯାଇଥିଲେ। ଫଳରେ ପାଣିସ୍ରୋତରେ ସେ ଭାସିଯାଇ ନିଖୋଜ ହୋଇଥିବା ଜଣାପଡ଼ିଛି। ଏହି ସୂଚନା ପାଇ ବୋରିଗୁମ୍ମା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିବା ବେଳେ ନିଖୋଜ ବ୍ୟକ୍ତିଙ୍କ କୌଣସି ସନ୍ଧାନ ମିଳିପାରି ନଥିଲା। ମଙ୍ଗବାର ସକାଳୁ ଓଡ୍ରାଫ ଦଳ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ କାର୍ଯ୍ୟରେ ଲାଗିଛନ୍ତି।

## କୋଟପାଡ଼ରେ ସର୍ବାଧିକ ୧୩୫ ମିମି ବର୍ଷା

କୋରାପୁଟ,୩।୯(ସ୍ୱ.ପ୍ର.): କୋରାପୁଟ ଜିଲାରେ ମଙ୍ଗଳବାର ୬୪୭.୪ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ଜିଲାର କୋଟପାଡ଼ ବ୍ଲକରେ ସର୍ବାଧିକ ୧୩୫ ମିମି ବର୍ଷା ହୋଇଥିବାବେଳେ ସେମିଳିଗୁଡ଼ା ବ୍ଲକରେ ୭୫ ମିମି, ନନ୍ଦପୁର ବ୍ଲକରେ ୪୯.୪ ମିମି, ପଟ୍ଟାଙ୍ଗି ବ୍ଲକରେ ୩୨.୨ ମିମି, ନାରାୟଣପାଟଣା ବ୍ଲକରେ ୨.୬ ମିମି, କୋରାପୁଟ ବ୍ଲକରେ ୪୦.୨ ମିମି, ଲମତାପୁଟ ବ୍ଲକରେ ୫୮.୪ ମିମି, ଦଶମନ୍ତପୁର ବ୍ଲକରେ ୫ ମିମି, ଲକ୍ଷ୍ମୀପୁର ବ୍ଲକରେ ୧ ମିମି, ଜୟପୁର ବ୍ଲକରେ ୮୯.୬ ମିମି, ବନ୍ଧୁଗାଁ ବ୍ଲକରେ ୩ ମିମି, କୁନ୍ଦୁରା ବ୍ଲକରେ ୪୧ ମିମି, ବୋରିଗୁମ୍ମା ବ୍ଲକରେ ୬୪ ମିମି, ବୈପାରିଗୁଡ଼ା ବ୍ଲକରେ ୫୧ ମିମି ବର୍ଷା ହୋଇଛି। ମଙ୍ଗଳବାର ତେଲେଙ୍ଗିରି ଡ୍ୟାମରେ ଜଳସ୍ତର ୬୨୫.୬୦ ମିଟର ରହିଥିବାବେଳେ ବିପଦ ସଙ୍କେତ ସ୍ତର ହେଉଛି ୬୩୩ ମିଟର। ସେହିପରି କୋଲାବ ଡ୍ୟାମରେ ମଙ୍ଗଳବାର ଜଳସ୍ତର ୮୫୪ ମିଟର ରହିଥିବାବେଳେ ଡ୍ୟାମର ବିପଦସଙ୍କେତ ସ୍ତର ରହିଛି ୮୫୮ ମିଟର।

## ଅତଡ଼ା ଖସି ରାଜପଥ ଅବରୋଧ
### କୋରାପୁଟ-ବୋରିଗୁମ୍ମା ୧୦ ଘଣ୍ଟା ବିଚ୍ଛିନ୍ନ

କୋରାପୁଟ,୩।୯(ସ୍ୱ.ପ୍ର.): କୋରାପୁଟରେ ଲଗାଣ ବର୍ଷା ଚାଲିଥିବା ବେଳେ ମଙ୍ଗଳବାର ସକାଳୁ କୋରାପୁଟ-ବୋରିଗୁମ୍ମା ରାଜପଥର ରାଣୀଗୁଡ଼ା ଗ୍ରାମ ନିକଟ ଡାକରାଂରେ ପାହାଡ଼ ଉପରୁ ବିଶାଳ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି। ଫଳରେ କୋରାପୁଟ ଓ ବୋରିଗୁମ୍ମା ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାସ୍ତାରେ ପ୍ରାୟ ୮ଫୁଟ ମାଟି ଗଦା ହେବା ଫଳରେ ଗାଡ଼ି ମୋଟର ଚଳାଚଳ ପ୍ରାୟ ୧୦ ଘଣ୍ଟା ବ୍ୟାହତ ହୋଇଥିଲା। ଖବର ପାଇ ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ୍ରାଫ ପକ୍ଷରୁ ଉକ୍ତ ସ୍ଥାନକୁ ଜେସିବି ପଠାଯାଇ ରାସ୍ତାରୁ ମାଟି କଢ଼ାଯାଇଥିଲା। ଅପରାହ୍ନ ଗୋଟାଏ ପରେ ଏହି ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଧାନକ୍ଷେତରେ କାଣ୍ଡବିନ୍ଧା ରୋଗ ଆତଙ୍କ

ଜୟପୁର,୩।୯(ନି.ପ୍ର.)

କୋରାପୁଟ ଜିଲାରେ ଧାନରୁଆ କାର୍ଯ୍ୟ ସରିଥିବା ବେଳେ ଏବେ ଗଛ ପ୍ରାୟ ୧ରୁ ୨ ଫୁଟ ଲମ୍ବ ଧରିବା ବେଳକୁ ଖରିଫ ଧାନରେ କାଣ୍ଡବିନ୍ଧା ରୋଗ ଆତଙ୍କିତ କରିଛି। ଅଥଚ କୃଷି ବିଭାଗ ସାମାନ୍ୟତମ ତତ୍ପରତା ଦେଖାଇନାହିଁ। ରବିଧାନ କିଣିବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ ଗତ ମାସର ଲଗାଣ ବର୍ଷାରେ ବହୁ ଧାନକ୍ଷେତରେ ବାଲିଚର ଓ ପାଣି ଜମି ଫସଲ ନଷ୍ଟ ହୋଇଛି। ଆଉ ଏବେ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମେରୁଦଣ୍ଡକୁ ବିନ୍ଧିଲାଣି।

ଚଳିତ ଖରିଫ ଋତୁରେ ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ ଲାଗି କୃଷି ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ଏଥିରୁ ୯୯ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଉଛି। ଜୟପୁର ସ୍ଥିତ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧୀନରେ ଜୟପୁର ତଥା କୋରାପୁଟ କୃଷି ଜିଲା ରହିଛି। ସେହିପରି ଜିଲାର କୁନ୍ଦୁରା, କୋଟପାଡ଼, ବୋରିଗୁମ୍ମା, ଜୟପୁର, ବୈପାରିଗୁଡ଼ା ବ୍ଲକରେ ଥିବା ଧାନକ୍ଷେତରେ ମାଟିଗୁଣ୍ଡି ପୋକ ଓ କାଣ୍ଡବିନ୍ଧା ରୋଗ ଆକ୍ରମଣ କରିଛି। ଜିଲାରେ ପାଖାପାଖି ୫ ହଜାରରୁ ଅଧିକ ହେକ୍ଟର ଜମିରେ ମାଟିଗୁଣ୍ଡି ପୋକ, ବିରିହା, କାହାଳିଆ, କାଣ୍ଡବିନ୍ଧା ଭଳି ରୋଗ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପୋକ ଲାଗିଲେ ତୁରନ୍ତ କୀଟନାଶକ ପ୍ରୟୋଗ କରା ନଗଲେ ଫସଲ ଉଜୁଡ଼ିଯିବା ଆଶଙ୍କା ରହିଛି। ଏନେଇ ଜୟପୁରସ୍ଥିତ କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି କହିଛନ୍ତି, କାଣ୍ଡବିନ୍ଧା ପୋକ ଲାଗିଥିବା ଖବର ଆସିଛି। ବର୍ତ୍ତମାନ ମେଘୁଆ ପାଗ ଲାଗି ରହିଥିବାରୁ କ୍ଷେତରେ ରୋଗପୋକ ଧରୁଛି। ଏହାକୁ ପ୍ରତିରୋଧ କରିବା ପାଇଁ କୀଟନାଶକ ଔଷଧ ସିଞ୍ଚନ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।

# ଛାତ୍ର, ଯୁବକଙ୍କ ବାଇକ୍‌ରେ ଲାଗୁନି ଲଗାମ୍

- ୨ ବରିଷ୍ଠ ନାଗରିକଙ୍କୁ ଧକ୍କାଦେଇ ଗୁରୁତର କଲେଣି
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତେଜିଲା ଦାବି

ଜୟପୁର,୩।୯(ଡି.ଏନ୍.ଏ.)

ସରକାର ପରିବହନ ଗାଡ଼ି ଚାଳନା ନିୟମରେ ସଂଶୋଧନ କରି ନୂଆ ଆଇନ ଲାଗୁ କରିଛନ୍ତି। କିନ୍ତୁ ଏହାକୁ ବେଖାତିର କରି କେତେକ ଯୁବକ ଓ ଛାତ୍ର ଏବେମଧ୍ୟ ଦ୍ରୁତଗତିରେ ବାଇକ୍ ଲାଇ ରାସ୍ତାରେ ଲୋକଙ୍କୁ ଆହତ କରୁଛନ୍ତି। ଗତ ତିନିଦିନରେ ଜୟପୁର ଟାଉନଥାନା ଅଞ୍ଚଳରେ ଦୁଇ ଜଣ ବରିଷ୍ଠ ନାଗରିକଙ୍କୁ ଧକ୍କାଦେଇ ସେମାନେ ଚମ୍ପଟ ମାରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ପୋଲିସ ବେପରୁଆ ଚାଳକଙ୍କୁ ଧରିପାରି ନାହିଁ।

ଗତ ଶନିବାର ପୂର୍ବାହ୍ନ ୧୧ଟାରେ ପାଓ୍ୱାର ହାଉସ ଛକରୁ ଗ୍ଲୋବାଲ ଛକ ମଧ୍ୟରେ ବିଜେଡି କୃଷକ ମୋର୍ଚ୍ଚାର ସଭାପତି ତଥା ଚାଷୀ ରାମ ସାମନ୍ତରାୟ (୬୨) ବାଇକ୍‌ରେ ଥୋରିଡ଼ିପୁଟ ଗ୍ରାମରୁ ଜୟପୁରକୁ ଆସୁଥିଲେ। ଏହି ସମୟରେ ପଛପଟୁ ତାଙ୍କୁ ଦୁଇଜଣ ଅଚିହ୍ନା ଯୁବକ ଧକ୍କାଦେଇ ସେଠାରୁ ଦ୍ରୁତଗତିରେ ପଳାଇଥିଲେ। ରାମ ଏଥିରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଓ ସେଠାରୁ ବିଶାଖପାଟଣା ସ୍ଥାନାନ୍ତର କରାଯାଇଛି। ସେହିପରି ଗତ ସୋମବାର ସନ୍ଧ୍ୟାରେ ଜୟପୁର ବିଶ୍ୱ ବ୍ରାହ୍ମଣ ସଂଘର ଜିଲା ସାଧାରଣ ସଂପାଦକ ଏସ୍. କୋଟେଶ୍ୱର ସରାଫ (୬୫) ଚାଲିଚାଲି ଯାଉଥିବା ବେଳେ ବାଙ୍କମଠ ନିକଟରେ ୨ ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେବା ଫଳରେ ତାଙ୍କର ଗୋଡ଼ ଭାଙ୍ଗିଯାଇଛି। ତାଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଥିବା ବେଳେ ସେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। ଜୟପୁର ସହରରେ ଦ୍ରୁତଗତିରେ ବାଇକ ଚଳାଉଥିବା ଯୁବକ ଓ ଛାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।



କୋରାପୁଟ ପୋଲିସ କଲୋନୀ।



ବୈପାରୀଗୁଡ଼ା ମହାବୀର ଯୁବକ ସଂଘ।



ସୁନାବେଡ଼ା ହାଲ୍‌ସ୍ଥିତ ଟିଭିଏସ୍।



କୋରାପୁଟ



କୋରାପୁଟ ଡେଲି ମାର୍କେଟ।



କୋରାପୁଟ ବାଲ ଗଣପତି ପୂଜା କମିଟି।



ସୁନାବେଡ଼ାସ୍ଥିତ ଭିଏସ୍ ବିଦ୍ୟାଳୟ।



## ଆକର୍ଷଣ ସାଜିଛନ୍ତି ଅଠର ଫୁଟର ଗଣେଶ

ଚାନ୍ଦିଲି (କୋଟପାଡ଼)୩।୯(ଡି.ଏନ୍.ଏ.)

କୋଟପାଡ଼ ସହରର ବିଭିନ୍ନ ସ୍ଥାନରେ ପ୍ରତିକୂଳ ପାଗ ସତ୍ତ୍ୱେ ଜାକଜମକରେ ଗଜାନନଙ୍କୁ ଆରାଧନା କରାଯାଇଛି। ଯୁବଗୋଷ୍ଠୀ ପକ୍ଷରୁ ସହରର ଜାତୀୟ ରାଜପଥ ପାର୍ଶ୍ୱ ମାଟା ସାହିଠାରେ ଆୟୋଜିତ ପୂଜାରେ ଶେଖ କାଦିର ଓ ଘାସିରାମ ନାୟକଙ୍କ ଦ୍ୱାରା ନିର୍ମିତ ଅଠର ଫୁଟ ଉଚ୍ଚତାର ଗଜାନନଙ୍କ ମୂର୍ତ୍ତି ଆକର୍ଷଣୀୟ ହୋଇଛି। ବେଲେମା ସାହି, ଦୁଲପୁର ସାହି, ମହାନ୍ତି ସାହି, କରଣ ସାହି, କେନ୍ଦୁଗୁଡ଼ା, କୁଞ୍ଜାଗୁଡ଼ା ୱାର୍ଡ ଓ ସହର ଉପକଣ୍ଠ ବେଣ୍ଟାଗୁଡ଼ାରେ ଉତ୍ସାହର ସହ ପୂଜା କରାଯାଇଛି। ତେଲୁଗୁସାହିସ୍ଥିତ ଶ୍ରୀଗଣେଶ ମନ୍ଦିରରେ ଅନୁଷ୍ଠିତ ପୂଜାରେ ଶ୍ରଦ୍ଧାଳୁ ବି. ଗଙ୍ଗାରାଜୁ ପ୍ରାୟ ଦେଢ଼ କିଲୋଗ୍ରାମ ଓଜନର ରୁପା ମୁକୁଟ ପ୍ରଦାନ କରିଥିଲେ।




ମାଲକାନଗିରି ଜିଲା ପଡିଆ ବ୍ଲକର ବିଭିନ୍ନ ସାହିରେ ହୋଇଥିବା ଗଣେଶ ପୂଜା ।




ଗୋବିନ୍ଦପାଲୀରେ ହୋଇଥିବା ପୂଜାମଣ୍ଡପ ।

## କଲେଜ ପରିସରରୁ ଅଜଗର ଉଦ୍ଧାର

କାଲିମେଳା,୩୧୯(ଡି.ଏନ.ଏ)

କାଲିମେଳା ବ୍ଲକ ସଦରସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରୁ ମଙ୍ଗଳବାର ୫ ଫୁଟର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଗତ ରାତିରେ କଲେଜ ହଷ୍ଟେଲରେ ଛାତ୍ରମାନେ ଥିବା ସମୟରେ ଏହି ସାପଟି ସେମାନଙ୍କ କୋଠରି ଭିତରେ ପଶିଯାଇଥିଲା। ସାପକୁ ଦେଖି ଛାତ୍ର ସଞ୍ଜୀବ କୁମାର ମଣ୍ଡଳ, ପ୍ରଶାନ୍ତ ପତି, ରାକେଶ ବାରିକ ଧରି ପରେ ଅଜଗରଟିକୁ ବନବିଭାଗକୁ ହସ୍ତାନ୍ତର କରିଥିଲେ।




### ସଂକ୍ଷେପରେ

## ଜିଲା ଆଇନସେବା ପ୍ରାଧିକରଣର ବୃକ୍ଷରୋପଣ ସପ୍ତାହ



ମାଲକାନଗିରି, ୩୧୯(ସ୍ୱ.ପ୍ର.)-ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ ସପ୍ତାହ ପାଳିତ ହେଉଛି। ଗତ ୨୯ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଲକାନଗିରି ଜିଲାର ବିଭିନ୍ନ ବ୍ଲକରେ ଥିବା ପଞ୍ଚାୟତଗୁଡିକରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସେ ଭାଗ ନେଇଥିବା ସୂଚନା ଦେଇଥିଲେ। ମଙ୍ଗଳବାର ଏମ୍‌ଭି -୩୨, କୋରକୋଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନାୟକଙ୍କ ସମେତ ମାଲକାନଗିରି ଜିଲା ଯୁବ ରେଡକ୍ରସ୍‌ର ଆବାହକ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ,ମାଲକାନଗିରି ଯୁବ ରେଡ୍‌କ୍ରସର ସଂଯୋଜକ ଜି. ଆଶିଷ ରାଠୋର, କୋରକୋଣ୍ଡା ବ୍ଲକର ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାର ବିଘ୍ନରାଜ ଜେନା ଯୋଗ ଦେଇଥିଲେ। ପରେ ଚାରାରୋପଣ କାର୍ଯ୍ୟକ୍ରମ ତର୍ଲାକୋଟା ପଞ୍ଚାୟତର ସାହେବଗୁଡା ଗ୍ରାମରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୋରକୋଣ୍ଡା ସରପଞ୍ଚ ବଂଶୀଧର ମୁଦୁଲି ଏବଂ ତର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ୨ରେ କୋରକୋଣ୍ଡା ବ୍ଲକର ପାର୍କାନମେଲା ପଞ୍ଚାୟତର ସିରିପେଟା ଗ୍ରାମ, ପୋଡାଘାଟ ପଞ୍ଚାୟତର କାଲପାଲ୍ଲି କଲୋନୀ, ରାସବେଡା ପଞ୍ଚାୟତର ସପେଇଗୁଡା ଗ୍ରାମ, ପୋଟ୍‌ରେଲ୍ଲୁ ପଞ୍ଚାୟତର ସିରାଗୁଡା ଏବଂ ରାସବେଡା ପଞ୍ଚାୟତର ଗାଦିଗୁଟ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିବା ନାୟକ ସୂଚନା ଦେଇଥିଲେ। ଅଦ୍ୟାବଧି ବିଭିନ୍ନ ସ୍ଥାନରେ ପାଖାପାଖି ୬୦ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ ହୋଇସାରିଲାଣି।

# ଜଳ ସଂଗ୍ରହ, ସଂରକ୍ଷଣ ଟାଳିଛି ସମସ୍ୟା

ମାଲକାନଗିରି,୩୧୯ (ଡି.ଏନ୍.ଏ.)



ଚାଷୀ ଗୋପୀ କରିଥିବା ଜଳ ସଂରକ୍ଷଣ ।

- ପୋଖରୀରେ ଜଳ ଗଚ୍ଛିତ ରଖି ବିନିଯୋଗ କରୁଛନ୍ତି
- ପଞ୍ଚାୟତରେ କାର୍ଯ୍ୟକାରୀ ହୋଇନି ପରାମର୍ଶ
- ଗ୍ରୀଷ୍ମ ଋତୁରେ ଅନ୍ୟମାନେ ଜଳ କିଣି ନିଅନ୍ତି

ରାଜ୍ୟରେ ଭୂତଳ ଜଳ ସମସ୍ୟା କ୍ରମଶଃ ଉତ୍କଟ ରୂପ ଧାରଣ କରିଛି। ଏପରି ସ୍ଥଳେ ଆଗାମୀ ଦିନରେ ରାଜ୍ୟବାସୀ ଜଳକଷ୍ଟ ଭୋଗିବା ସମ୍ଭାବନାକୁ ଏଡାଇ ଦେଇହେବନାହିଁ। ବର୍ତ୍ତମାନ ଭୂତଳ ଜଳ ଏବଂ ବର୍ଷା ଜଳକୁ କିପରି ସଂଗ୍ରହ କରାଯାଇ ପାରିବ, ବିଭିନ୍ନ ନଦୀ ଜଳ ସମୁଦ୍ରରେ ମିଶିବା ପର୍ବରୁ ଆନିକଟ କରି ଏହାକୁ ଅଟକାଇ ରଖି କିପରି ଚାଷ, ବିଦ୍ୟୁତ୍ ଉତ୍ପାଦନ ଏବଂ ପାନୀୟ ଜଳ ରୂପେ ବ୍ୟବହାର କରାଯାଇ ପାରିବ ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥିରେ ବିଶେଷ ଅଗ୍ରଗତି ଘଟୁ ନ ଥିବାରୁ ଜଳକଷ୍ଟ ଦିନକୁ ଦିନ ବଢିବାରେ ଲାଗିଛି। ଗତ ମାସରେ କେନ୍ଦ୍ର ସରକାର ଦେଶର ସମସ୍ତ ସରପଞ୍ଚଙ୍କୁ ଚିଠି ଲେଖି ବର୍ଷାଜଳକୁ ସଂଗ୍ରହ କରିବା ପାଇଁ ନିଜ ପଞ୍ଚାୟତରେ ଯୋଜନା ପ୍ରସ୍ତୁତ କରିବା,ଏହାକୁ ଯେପରି ପାନୀୟ ଜଳ ଏବଂ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ମାଲକାନଗିରି ଜିଲାରେ କୌଣସି ପଞ୍ଚାୟତରେ ବର୍ଷାଜଳ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଇ ନାହିଁ। ଏପରି ସ୍ଥଳେ ମାଲକାନଗିରି ଜିଲା ଜୟପୁରିଆଗୁଡାର ଚାଷୀ ଗୋପୀ ପଟ୍ଟନାୟକ ବର୍ଷା ଜଳ ସଂଗ୍ରହ କରି ପୋଖରୀରେ ଗଚ୍ଛିତ ରଖି ଏହି ଜଳରେ ମାଛ ଚାଷ ସହ ପନିପରିବା ଚାଷ କରୁଛନ୍ତି। ସେ ୩୦ ବର୍ଷ ହେଲା ଏପରି କରିଚାଲିଛନ୍ତି। ପାହାଡ ତଳେ ଥିବା ତାଙ୍କର ନିଜସ୍ୱ ଜମିରେ ଗୋଟିଏ ପଟେ ମାଟିବନ୍ଧ କରି ଜଳ ଅଟକାଇ ରଖିଛନ୍ତି। ଏହି ପୋଖରୀର ଗଭୀର ୧୫ ଫୁଟରୁ ଊର୍ଦ୍ଧ୍ୱ। ୪ ଏକର ବିଶିଷ୍ଟ ଏହି ପୋଖରୀରେ ସେ ମାଛ ଚାଷ କରୁଛନ୍ତି। ପନିପରିବା ଏବଂ ଧାନ ଚାଷ ପାଇଁ ଆବଶ୍ୟକ ସ୍ଥଳେ ସେ ଏହି ସଂଗୃହୀତ ବର୍ଷାଜଳ ବ୍ୟବହାର କରୁଛନ୍ତି। ପୋଖରୀରେ ବର୍ଷାସାରା ପାଣି ରହୁଥିବାରୁ ଗ୍ରୀଷ୍ମଋତୁରେ ସହରରେ ନିର୍ମାଣ ହେଉଥିବା ଅନେକ ଘରର ମାଲିକ ଟ୍ୟାଙ୍କର ଯୋଗେ ପଟ୍ଟନାୟକଙ୍କ ପୋଖରୀରୁ ପାଣି କ୍ରୟ କରି ନେଇଥାନ୍ତି। ଏହାଦ୍ୱାରା ସେ ପାଣି ବିକି ସେ ସମୟରେ ୨/୩ ହଜାର ଟଙ୍କା ପାଆନ୍ତି। ପଟ୍ଟନାୟକ ଏବେ ସେହି ପୋଖରୀ ପାଣିରେ ଏକ ଗାଡି ଧୁଆ କେନ୍ଦ୍ରକରି କିଛି ଅର୍ଥ ରୋଜଗାର କରୁଛନ୍ତି। ଏନେଇ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କ ବାପା ରଘୁନାଥ ପଟ୍ଟନାୟକ ଜୀବିତ ଅବସ୍ଥାରେ ଏହି ଛୋଟ ପୋଖରୀଟି କରିଥିଲେ। ସେହି ପୋଖରୀରେ ଜଳ ସବୁଦିନ ରହୁ ନ ଥିଲା। ପୋଖରୀର ଉନ୍ନତି କରି ସେ ଏଥିରେ ବର୍ଷା ଜଳ ସଂଗୃହୀତ କରି ରଖି ରୋଜଗାରକ୍ଷମ ହୋଇପାରିଛନ୍ତି। ଅନ୍ୟମାନେ ଯଦି ବର୍ଷା ଜଳକୁ ସଂରକ୍ଷଣ କରିପାରନ୍ତେ ତେବେ ମାଲକାନଗିରି ଜିଲା ଜଳକଷ୍ଟରୁ ମୁକ୍ତି ପାଇପାରନ୍ତା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ପୋଖରୀର ଉଭୟ ପାର୍ଶ୍ୱରେ ଥିବା ଗୋଇ ପର୍ବତ ଏବଂ ମାଲକାନଗିରି ଫରେଷ୍ଟ ବ୍ଲକ ପାହାଡରୁ ବର୍ଷା ଦିନେ ଗଡି ଆସୁଥିବା ବର୍ଷାଜଳ ଏଣେ ତେଣେ ବୋହି ଯାଉଥିଲା। ଏହା କୌଣସି କାର୍ଯ୍ୟରେ ବିନି ଯୋଗ ହେଉ ନ ଥିଲା । ପଟ୍ଟନାୟକ ଏହାର ସୁବିନିଯୋଗ କରିପାରିଛନ୍ତି।

## ସଡକ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ପୋଲିସ, ବରିଷ୍ଠ ନାଗରିକ ସହ ମା'ଘର ସଦସ୍ୟା




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ମାଲକାନଗିରି,୩୧୯ (ଡି.ଏନ୍.ଏ.)–

- ଶୋଭାଯାତ୍ରାରେ ସହର ପରିକ୍ରମା କଲେ
- ଗାଡିଚାଳନା ନିୟମ ସମ୍ପର୍କରେ ବୁଝାଇଲେ
- ଛୋଟ ପିଲାଙ୍କୁ ଗାଡି ନ ଦେବାକୁ ପରାମର୍ଶ

ଗତ ୩୧ରେ ମାଲକାନଗିରି ସଦର ମହକୁମା ଆଦର୍ଶ ଥାନା ପରିସରରେ ଆମ ପୋଲିସ, ମା' ଘର ଏବଂ ବରିଷ୍ଠ ନାଗରିକମାନଙ୍କ ମିଳିତ ବୈଠକର ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ମାଲକାନଗିରି ସହରରେ ସଡକ ସୁରକ୍ଷା ନିୟମ ସମ୍ପର୍କରେ ଗାଡି ଚାଳକଙ୍କୁ ମିଳିତ ଭାବେ ସଚେତନ କରାଯାଇଛି। ବର୍ଷା ସତ୍ତ୍ୱେ ମାଲକାନଗିରି ଥାନା ପରିସରରୁ ଏକ ମିଳିତ ଶୋଭାଯାତ୍ରା ସଦର ମହକୁମା ପରିକ୍ରମା କରି ସାପ୍ତାହିକ ବଜାର ପର୍ଯ୍ୟନ୍ତ ଯାଇଥିଲା । ରାସ୍ତାରେ ପ୍ରତ୍ୟେକ ଗାଡିମୋଟରକୁ ଅଟକାଇ ସଡକ ସୁରକ୍ଷା ସମ୍ବନ୍ଧିତ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ଚାଳକମାନେ ହେଲମେଟ ବ୍ୟବହାର କରିବା, ଗାଡିର ସମସ୍ତ କାଗଜପତ୍ର ପାଖରେ ରଖିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ବାଇକରେ ୨ରୁ ଅଧିକ ଲୋକ ନ ଯିବା, ୧୪ ବର୍ଷରୁ କମ୍ ବୟସର ପିଲା ଗାଡି ନ ଚଳାଇବା, ୪ ଚକିଆ ଯାନର ଚାଳକମାନେ ଗାଡି ଚଳାଇବା ସମୟରେ ସିଟ୍ ବେଲ୍ଟ ବାନ୍ଧିବା ନେଇ ବୁଝାଇଥିଲେ। ଏହି ନିୟମ ଉଲ୍ଲଂଘନ କଲେ କେନ୍ଦ୍ର ସରକାରଙ୍କ ସଡକ ପରିବହନ ଆଇନ ଅନୁଯାୟୀ ଅର୍ଥ ଦଣ୍ଡ ଏବଂ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ସଚେତନ କରାଯାଇଥିଲା। ଆଗାମୀ ଦିନରେ ଏହାର ଖିଲାପ କରୁଥିବା ଚାଳକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗ କର୍ମଚାରୀଙ୍କ ସହ ମା' ଘର ଜିଲା ସଭାପତି ପ୍ରଶାନ୍ତିଲତା ବିଶୋୟୀ, ସମ୍ପାଦକ ଦୁଲାଲି ଥଣ୍ଡର, ସହ ସମ୍ପାଦକ ତାପସୀ ବିଶ୍ୱାସ, କମଳା ତିଲାଇ, ବରିଷ୍ଠ ନାଗରିକ ସଂଘ ସଭାପତି ରଥିକାନ୍ତ ପାତ୍ର, ସମ୍ପାଦକ ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଶଶିଭୂଷଣ ଖରା ପ୍ରମୁଖ ଉପସ୍ଥିତ ଥିଲେ। ପଡିଆ, କାଲିମେଳା, କୋରୁକୋଣ୍ଡା, ମାଥିଲି ଅଞ୍ଚଳରୁ ଶତାଧିକ ମା'ଘର ସଦସ୍ୟା ଅଂଶଗ୍ରହଣ କରିଥିଲେ।

## ସାପକାମୁଡାରେ ଜଣେ ମୃତ

କାଲିମେଳା,୩୧୯(ଡି.ଏନ.ଏ)

କାଲିମେଳା ବ୍ଲକ ତଥା ପୋଟେରୁ ଫାଣ୍ଡି ଅନ୍ତର୍ଗତ ଗୁମୁକା ପଞ୍ଚାୟତ ତାଟିଗୁଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ସେ ହେଲେ ତାଟିଗୁଡା ଗ୍ରାମର ପଦିଆ ମାଡକାମି (୫୦) । ସେ ରାତିରେ ଝିଅ ଘରକୁ ଯାଇଥିଲେ। ସେଠାରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ନିକଟସ୍ଥ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଦିଆଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ କାଲିମେଳା ପୋଲିସ ପଦିଆଙ୍କ ମୃତଦେହ ଜବତ କରି ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମମଲା ରୁଜୁ ହୋଇଛି ।

## ପଡିଆରେ ଗଣେଶ ପୂଜା

ପଡିଆ, ୩୧୯

ମାଲକାନଗିରି ଜିଲା ସୀମାନ୍ତ ପଡିଆ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ଗ୍ରାମରେ ଗଣେଶ ପୂଜା ପାଳିତ ହୋଇଯାଇଛି। ତେବେ ଲଘୁଚାପଜନିତ ବର୍ଷା ଯୋଗୁ ବିଭିନ୍ନ ଗ୍ରାମ ଓ ସାହିରେ କ୍ଲବ ପକ୍ଷରୁ ହୋଇଥିବା ପୂଜାମଣ୍ଡପଗୁଡିକ ଏକ ପ୍ରକାର ଫିକା ପଡିଯାଇଛି। ପୂଜା କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

## ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

କାଲିମେଳା,୩୧୯(ଡି.ଏନ.ଏ.

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ତଥା ମୁଦୁଲିପଡା ଥାନା ବଣ୍ଡାଘାଟି ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ଶହୀଦ ହୋଇଥିବା ଯବାନ ଜୟରାମ କବାସୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର କାଲିମେଳା ଥାନା ଏବଂ ଜୟ ମାଲକାନଗିରି ଗ୍ରୁପ ପକ୍ଷରୁ ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଥାନା ଭାରପ୍ରାପ୍ତ ଅଧିକାରୀ ଶଶଦେବ ବେହେରାଙ୍କ ନେତୃତ୍ୱରେ କାଲିମେଳା ବସଷ୍ଟାଣ୍ଡଠାରୁ ଏହି ଶୋଭାଯାତ୍ରା ବାହାରି କାଲିମେଳା ବଜାର ପରିକ୍ରମା କରିଥିଲା। ଶହୀଦ ଯବାନ ଅମର ରହେ ସ୍ଲୋଗାନ ଦେଇ ହାତରେ କ୍ୟାଣ୍ଡେଲ ଧରି ଥାନା କର୍ମଚାରୀ, ସ୍ଥାନୀୟ ଯୁବକ ଏବଂ ଗ୍ରାମବାସୀ ସହର ପରିକ୍ରମା କରିଥିଲେ । ଜୟ ମାଲକାନଗିରି ଗ୍ରୁପର ସଦସ୍ୟ ସୁନିଲ କୁମାର ସେଠୀ, କୈସିକ ସରଦାର, ପ୍ରସନଜିତ ସାନା, ସନ୍ତୋଷ ଭଦ୍ରା,ଥାନା ପକ୍ଷରୁ ଏଏସଆଇ ମଲିକେଶ୍ୱର ଶବର, ହାବିଲଦାର ବାସୁଦେବ ମଣ୍ଡଳ, କନଷ୍ଟେବଲ ମୁକୁଲ ହାଲଦାର, ହୋମଗାର୍ଡ ମିରିନାଲ ମଣ୍ଡଳ, ପ୍ରଫୁଲ୍ଲ ଲାଲ, ପ୍ରମୋଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

- ସ୍ଥାୟୀ ଡମ୍ପିଂ ୟାର୍ଡ ନାହିଁ

# ବିଭିନ୍ନ ସ୍ଥାନରେ ଅଳିଆ ଫିଙ୍ଗି ଅପଦସ୍ଥ ହେଉଛନ୍ତି କର୍ମଚାରୀ

ମାଲକାନଗିରି,୩୧୯ (ଡି.ଏନ୍.ଏ.)



ଗ୍ରାମ ନିକଟରେ ପକାଯାଇଥିବା ଅଳିଆ ।



ବିରୋଧ କରୁଛନ୍ତି ଗ୍ରାମବାସୀ ।

ମାଲକାନଗିରି ପୌର ପରିଷଦ ଅଞ୍ଚଳର ଅଳିଆ ଆବର୍ଜନା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ଏଯାଏ ହୋଇନାହିଁ। ପୌର ପ୍ରଶାସନ ସ୍ଥିର କରିଥିବା ସ୍ଥାନରେ ଅଳିଆ ଡମ୍ପିଂ କରି କର୍ମଚାରୀମାନେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏଥିପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନ କରିବା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଅନେକ କର୍ମଚାରୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଆମକୁ ଅପମାନିତ ହେବାକୁ ପଡୁଛି ବୋଲି କର୍ମଚାରୀମାନେ କହିଛନ୍ତି। ମାଲକାନଗିରି ପୌର ପରିଷଦରେ ୧୯ଟି ୱାର୍ଡର ଅଳିଆ ଆବର୍ଜନା ସଫା କରିବା ପାଇଁ ଠିକା ନେଇଥିବା ୨ଜଣ ଠିକାଦାର ଦୈନିକ ୮୦ଜଣ ଶ୍ରମିକଙ୍କୁ ଲଗାଇ ଯେଉଁ ଅଳିଆ ଆବର୍ଜନା ସଫା କରୁଛନ୍ତି ସେହି ଆବର୍ଜନାଗୁଡିକୁ ପରିବହନ କରି ଡମ୍ପିଂ ୟାର୍ଡରେ ପକାଇବା ପାଇଁ ୮ଟି ଛୋଟ ଗାଡି ଏବଂ ୨ଟି ଟ୍ରାକ୍ଟର ଦୈନିକ ବ୍ୟବହାର କରୁଛନ୍ତି। ଏନେଇ ମାସିକ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୪ରେ ମାଲକାନଗିରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦ ଭାବେ ରାଜ୍ୟ ସରକାର ଘୋଷଣା କରିଥିଲେ । ୨୦୧୪ ପୂର୍ବରୁ ମାଲକାନଗିରି-ବାଲିମେଳା ରାସ୍ତାର ମଶାଣିପଦା ନିକଟ ରାସ୍ତାର ଦୁଇ ପାର୍ଶ୍ୱରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଳିଆ ଆବର୍ଜନା ପକାଯାଉଥିଲା। ସେହି ସ୍ଥାନରେ କୁଢକୁଢ ଅଳିଆ ଗଦା ହେବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତତ୍କାଳୀନ ଜଙ୍ଗଲ ଓ ପରିବେଶ ସଚିବ ସୁରେଶ ମହାପାତ୍ର ମାଲକାନଗିରି ଜିଲା ଗସ୍ତରେ ଆସିଥିବା ସମୟରେ ରାସ୍ତା କଡରେ ଏପରି କୁଢକୁଢ ଅଳିଆ ଆବର୍ଜନା ଦେଖି ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଏଠାରୁ ଡମ୍ପିଂୟାର୍ଡ ହଟାଇ ଅନ୍ୟ ସ୍ଥାନରେ ଡମ୍ପିଂ କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଫଳରେ ସେହି ସ୍ଥାନରୁ ସମସ୍ତ ଅଳିଆ ଆବର୍ଜନା ଉଠାଇ ମୁଣ୍ଡାଗୁଡା ଗ୍ରାମ ନିକଟରେ ଏକ ସରକାରୀ ଜାଗାରେ ଗାତ ଖୋଳାଯାଇ ସେଠାରେ ଡମ୍ପିଂ କରାଯାଉଥିଲା। ସେହି ସ୍ଥାନ ଡମ୍ପିଂ ୟାର୍ଡ କରିବା ନେଇ ସେଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏବଂ ମୁଣ୍ଡାଗୁଡା ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫଳରେ କିଛିଦିନ ହେବ ଭୈରବ ମନ୍ଦିର ନିକଟ ମାଲକାନଗିରି ଜୟପୁର ମୁଖ୍ୟ ରାସ୍ତାରେ ଥିବା ଗୋଇ ପର୍ବତ ନିକଟରେ ଅଳିଆ ପକାଯାଉଥିଲା। ଏହାକୁ ସ୍ଥାନୀୟ ବନ ବିଭାଗ ଏବଂ ସାଧାରଣ ଲୋକେ ବିରୋଧ କରିବାରୁ ପରେ ଏମ୍.ଭି.- ୭ ଗ୍ରାମ ନିକଟରେ ଥିବା ଏକ ପାହାଡ ତଳେ ଫିଙ୍ଗା ଯାଉଥିଲା। ମାତ୍ର ସେହି ଅଞ୍ଚଳର ଗ୍ରାମବାସୀ ମଧ୍ୟ ଏହାକୁ ବିରୋଧ କରିବାରୁ କିଛିଦିନ ସେହି ସ୍ଥାନରେ ଅଳିଆ ଆବର୍ଜନାକୁ ସମ୍ପୃକ୍ତ ଠିକାଦାରମାନେ ନ ପକାଇ ପୁନର୍ବାର ଗତ ଦୁଇଦିନ ଧରି ମୁଣ୍ଡାଗୁଡାରେ ପକାଉଛନ୍ତି। ଏହାକୁ ମଙ୍ଗଳବାର ଗ୍ରାମବାସୀ ଦୃଢ ବିରୋଧ କରି ଡ୍ରାଇଭରଙ୍କ ସହ ଝଗଡା କରିଛନ୍ତି। ଆଉ କେବେ ଏଠାକୁ ଅଳିଆ ଗାଡି ଆଣିବନାହିଁ ବୋଲି ଚେତାବନୀ ଦେଇ ୪ଟିଯାକ ଗାଡିକୁ ଅଟକାଇଥିଲେ। ଡ୍ରାଇଭରମାନେ ସେଠାରେ ଅଳିଆ ନ ପକାଇ ଗାଡି ଧରି ପଳାଇ ଆସିଥିଲେ । ମାଲକାନଗିରି ପୌର ପରିଷଦ ଭାବେ ଘୋଷଣା ହୋଇ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ କିପରି କରାଯାଇନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣେତେଣେ ଅଳିଆ ପକାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଏ ସମ୍ପର୍କରେ ମାଲକାନଗିରି ପୌର ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସାଧାରଣ ଲୋକଙ୍କ ସ୍ୱାର୍ଥ ଏବଂ ପରିବେଶକୁ ଦୃଷ୍ଟିରେ ରଖି ତୁରନ୍ତ ସ୍ଥାୟୀ ଡମ୍ପିଂ ୟାର୍ଡ ବ୍ୟବସ୍ଥା କରାଯିବ । ଏଥିପାଇଁ ରାଜସ୍ୱ ବିଭାଗ ଏମ୍.ଭି.- ୭ ନିକଟରେ ଜମି ଯୋଗାଇ ଦେଇଛି। ଆଗାମୀ ଦିନରେ ଏପରି ସମସ୍ୟା ସୃଷ୍ଟି ହେବନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୪/୨୦୧୯ Rayagada, Wednesday, September 4/ 2019


ଗୁଣପୁର କଟିକା ସାହି ।


ଜେଏଲଟିରୋଡ ।


ସୁଇପର କଲୋନୀ ।


ପୌର ପରିଷଦ କାର୍ଯ୍ୟାଳୟ ପାର୍ଶ୍ୱ


ବେବର୍ତ୍ତା ଡେପ


ଚନ୍ଦ୍ରପୁର ।


ଟିକିରିସ୍ଥିତ ହନୁମାନ ମନ୍ଦିର ରାସ୍ତା ।


ଟିକିରି ଗୌଡ଼ସାହି ।


ଟିକିରି ଚତୁରବେଣୀ ଛକ ।


ଗୁଣପୁର ରାମଚନ୍ଦ୍ରପୁରସାହି ।

■ ତ୍ରିବେଣୀ ସାଇନ୍ସ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# ମଣିଷକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଏ ଶିଷ୍ଟାଚାର

ପଦ୍ମପୁର,୩।୯(ଡ଼ି.ଏନ.ଏ)

ଶିଷ୍ଟାଚାର ମଣିଷକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଶିଷ୍ଟାଚାର ଭଲ କରିବା ଆବଶ୍ୟକ ବୋଲି ପଦ୍ମପୁରସ୍ଥିତ ତ୍ରିବେଣୀ ସାଇନ୍ସ କଲେଜରେ ମଙ୍ଗଳବାର ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ବିଜୁ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିନ୍ ବିହାରୀ ଜେନା ସଭାପତିତ୍ୱ କରିଥିଲେ । ଏଥିରେ ଗୁଣପୁର ସବ୍‌ଡ଼ିଭିଜନ ମେଡ଼ିକାଲର ଡ଼ା. ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି, ଅଧ୍ୟାପକ ଡ଼. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ସାଗରକାନ୍ତ ଜେନା, ନିର୍ଦ୍ଦେଶକ ସ୍ୱାଗତଶେଖର ଜେନା, ଅଧ୍ୟାପକ ସୀତାକାନ୍ତ ସାହୁ, ସୋମନାଥ ରଣା ଓ ଗୋପାଳ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନ ସମାଜରେ ଶିକ୍ଷାର ମହତ୍ତ୍ୱ ସହ ଛାତ୍ରୀଛାତ୍ର ମାତୃଭାଷାକୁ କିଭଳି ଶ୍ରେଷ୍ଠସ୍ଥାନରେ ପହଞ୍ଚାଇବେ ଏବଂ ଶିଷ୍ଟାଚାରୀ ହେବେ ସେନେଇ ଆଲୋକପାତ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ନେଇ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ମଞ୍ଚକୁ ସୁକେଶ ସାହୁ ପରିଚାଳନା କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଛାତ୍ରୀ ଆରତୀ ସାହୁଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ମନୋହର ହୋଇଥିଲା । ଗୁଣପୁରର ନିର୍ମଳ ପାଢୀଙ୍କ ଯାଦୁଖେଳ ମାଧ୍ୟମରେ ଶିକ୍ଷା ପ୍ରଦର୍ଶନ ଅଭିଭାବକମାନଙ୍କୁ ଆକର୍ଷିତ କରିଥିଲା । ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ପରିବା ଦର ଆକାଶଛୁଆଁ

ରାୟଗଡ଼ା ଅଫିସ୍,୩।୯(ଡି.ଏନ୍.ଏ.)

ରାୟଗଡ଼ା ସହରରେ ପରିବା ଦର ଆକାଶଛୁଆଁ । ମଙ୍ଗଳବାର ମୁଖ୍ୟ ବଜାର, ଓଭରବ୍ରିଜ ତଳ ପରିବା ବଜାର, ଉପଜିଲାପାଳଙ୍କ କାର୍ଯ୍ୟାଳୟ ରୋଡ ପାର୍ଶ୍ୱ , ଶିବ ମନ୍ଦିର ଛକ , ବ୍ଲକ କାର୍ଯ୍ୟାଳୟ ରୋଡ ନିକଟ ଓ ବିଭିନ୍ନ ରାସ୍ତା ପାର୍ଶ୍ୱରେ ବିକ୍ରୟ ହେଉଥିବା ପରିବା ଦୋକାନଗୁଡିକରେ ପରିବା ଚଢା ଦରରେ ବିକ୍ରି ହେଉଛି । ଏଠାରେ ବାଇଗଣ କେ.ଜି ପ୍ରତି ୪୦ ଟଙ୍କା, ଟମାଟୋ ୩୦ରୁ ୪୦, ଫୁଲକୋବି ୫୦ରୁ ୬୦, ବନ୍ଧାକୋବି ୪୦, ପୋଟଳ ୪୦, କାଙ୍କଡ ୪୦, ଦେଶୀ କାଙ୍କଡ଼ ୮୦, କଲରା ୪୦ ଟଙ୍କା ରହିଛି । ମାତ୍ର ଦୁଇ ସପ୍ତାହ ପୂର୍ବରୁ ଏହି ସବୁ ପରିବା କେ.ଜି. ପ୍ରତି ୧୦ ରୁ ୨୦ଟଙ୍କା କମ୍‌ରେ ବିକ୍ରି ହେଉଥିଲା । ଜିଲା ଓ ରାଜ୍ୟ ବାହାରେ ଚଳିତବର୍ଷ ବର୍ଷା କମ୍ ରହିଥିବାରୁ ଚାହିଦା ମୁତାବକ ପରିବା ବଜାରକୁ ଆସିପାରୁ ନାହିଁ । ଆଗାମୀ ଦିନରେ ପରିବା ଉତ୍ପାଦନ କମ୍ ରହିଲେ ଦାମ ଆହୁରି ବଢିବ ବୋଲି ବ୍ୟବସାୟୀ ପ୍ରକାଶ କରିଛନ୍ତି । ପ୍ରଶାସନ ତରଫରୁ ଚାଷୀଙ୍କୁ ଠିକ୍ ଭାବରେ ପାଣି ପାଗର ସୂଚନା ପ୍ରଦାନ କରାଯାଉ ନାହିଁ । ବଜାରରେ ପରିବା ଦର ଅଧିକ ଦାମରେ ବିକ୍ରି କରାଯାଉଥିଲେ ମଧ୍ୟ ଚାଷୀଙ୍କଠାରୁ କିନ୍ତୁ କମ୍ ଦାମରେ କିଣାଯାଉଛି ।

## ଗଣପତିଙ୍କ ପୂଜାରେ ପରିବେଶର ବାର୍ତ୍ତା

କାଶୀପୁର,୩।୯

ଗଣପତିଙ୍କ ପୂଜାରେ ପରିବେଶର ବାର୍ତ୍ତା । ପରିବେଶକୁ ସୁରକ୍ଷା ପାଇଁ ଉଦ୍ୟମ । ଏମିତି ଏକ ବ୍ୟତିକ୍ରମ କରିଛନ୍ତି କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ । ସ୍କୁଲରେ ଆୟୋଜିତ ଗଣପତିଙ୍କ ପୂଜାରେ ଦେଖାଇଛନ୍ତି ପ୍ରକୃତିର ଝଲକ । କାଶୀପୁର ସଦର ମହକୁମାରେ ପାଖାପାଖି ୧୨ଟି ମଣ୍ଡପରେ ଗଜାନନ ପୂଜା ପାଉଛନ୍ତି । କାଶୀପୁର ସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରୟାସ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିଛି । ଛାତ୍ରୀଛାତ୍ରଙ୍କ ଗଣେଶ ମଣ୍ଡପରେ ପରିବେଶ ସୁରକ୍ଷାର ବାର୍ତ୍ତା ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଛି । ଏହିଭଳି ସମସ୍ତେ ସଚେତନ ହେଲେ ଆମ ପରିବେଶ ଏବଂ ସମାଜ ସୁସ୍ଥ ରହିବ ବୋଲି କାଶୀପୁର ବନାଞ୍ଚଳ ଅଧିକାରୀ ଅନୁପ ସିଂ ପୂଜାରୀ ପ୍ରକାଶ କରିଛନ୍ତି ।


କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂଜାପାଉଥିବା ଗଣେଶ ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ନିର୍ମମ ହତ୍ୟା

ଜେକେପୁର,୩।୯

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଅଷ୍ଟାପଡ଼ାଠାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ସେ ହେଲେ ଜେକେପୁର ନିକଟ ଶାନ୍ତିନଗରର ବାସିନ୍ଦା ଅର୍ଜୁନ କଣ୍ଡାଗରି(୨୩)। ଖବରପାଇ ରାୟଗଡ଼ା ଏସପି ଶ୍ରବଣ ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି । ଅନ୍ୟପକ୍ଷରେ ଘଟଣାସ୍ଥଳରେ ଦୁଇ ଯୁବକ ମାର୍‌ପିଟ ହେଉଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ଥାନାରେ ଆଣି ହସ୍ତାନ୍ତର କରିଛନ୍ତି ।

## ଜାତୀୟ କ୍ରୀଡ଼ା ନିମନ୍ତେ ରାୟଗଡ଼ାରୁ ୬ ଖେଳାଳି


କୋଚ କଳ୍ପନା କାଣ୍ଡିଙ୍କ ସହ ଖେଳାଳିମାନେ ।

ଗୁଣପୁର,୩।୯(ଡି.ଏନ.ଏ)

ସବ୍‌ଜୁନିୟର ବାଳକ ଜାତୀୟ ଟଗ ଅଫ ୱାର -୨୦୧୯ ମହାରାଷ୍ଟ୍ରର ଦଣ୍ଡବାହିଲମିରଜଠାରେ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରଥମ ଥର କରି ସବ୍‌ଜୁନିୟର ଗ୍ରୁପରେ ଓଡିଶାରୁ ୧୦ ଖେଳାଳି ଭାଗ ନେଉଛନ୍ତି । ମ୍ୟାନେଜର ତଥା କୋଚ ଭାବେ ବିଷମକଟକ ଅଞ୍ଚଳର କଳ୍ପନା କାଣ୍ଡିଙ୍କ ନେତୃତ୍ୱରେ ଖେଳାଳିମାନେ ମହାରାଷ୍ଟ୍ର ଯାତ୍ରା କରିଛନ୍ତି । ରାୟଗଡା ଜିଲାରୁ ୬ ଖେଳାଳି ଭାଗ ନେଇଥିବାବେଳେ ଆନନ୍ଦ କଲକା ଅଧିନାୟକ ରହିଛନ୍ତି । ସେହିପରି ଜିଲାର ଆଉ ୫ ଜଣ ଖେଳାଳି ହେଉଛନ୍ତି ଅନିଲ କାଡ୍ରାକା,ନେରେଶ ମାଣ୍ଡାଙ୍ଗି, ଶରତ କୁମାର କଲକା, ଜୀବନ ମୁଚ୍ଚିକା, କୁମାର ସ୍ୱାମୀ ତୁଇକା । ପୂର୍ବତନ ଖେଳାଳି ଶିଶିର ଦଣ୍ଡସେନା, ମନୋଜ ପ୍ରଧାନ ଏବଂ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମା' ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ଗୁଣପୁର,୩।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ମା' ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏଥିରେ କର୍ତ୍ତାଭାବେ ପ୍ରଭାତ ମହାପାତ୍ର ଉପସ୍ଥିତ ଥିବାବେଳେ ପୂଜକ ଭାବେ ନବୀନ ରଥ, ପ୍ରକାଶ ରଥ ଏବଂ କାଶୀ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ମା'ଙ୍କ ପୂଜା ଚଳିତ ବର୍ଷ ୧୩ ବର୍ଷରେ ପଦାର୍ପଣ କରିଛି । ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ବି.ଲକ୍ଷ୍ମୀ ନାରାୟଣଙ୍କ ସମେତ ସୀମାଞ୍ଚଳ କର, ଗଣେଶ୍ୱର ଶତପଥୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



# ପ୍ରତିଷ୍ଠା ପରଠୁ ନାହାନ୍ତି ପ୍ରଧାନ ଶିକ୍ଷକ

ପଚ୍ଚାଙ୍ଗି,୩।୯(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ପିଲାଙ୍କ ପାଇଁ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟଗୁଡିକୁ ପର୍ଯ୍ୟାୟ କ୍ରମେ ଉଚ୍ଚ ବିଦ୍ୟାଳୟରେ ପରିଣତ କରିଛନ୍ତି ସତ । କିନ୍ତୁ ବିଦ୍ୟାଳୟରେ ସେମାନଙ୍କ ଉପସ୍ଥାନ ଅନୁଯାୟୀ କେତେ ଶିକ୍ଷୟିତ୍ରୀ ଶିକ୍ଷକ ରହିବା ଆବଶ୍ୟକ, ଦୃଷ୍ଟି ରଖୁ ନଥିବା ଅଭିଯୋଗ ଉଠାଇଛି ବିଦ୍ୟାଳୟ ପରିଚାଳନା କମିଟି । କୋରାପୁଟ ଜିଲା ଅଧୀନ ଅନେକ ବିଦ୍ୟାଳୟରେ ଏଭଳି ସ୍ଥିତି । ବିଶେଷ କରି ପଚ୍ଚାଙ୍ଗି ବ୍ଲକର ୧୪ଟି ପଞ୍ଚାୟତ ମଧ୍ୟରୁ କୋଟିଆ, ସମ୍ପାଇ, ରାଲେଗଡା, ସୁଙ୍କି, ଅମ୍ପାବାଲି ଓ ତଳଗୋଲୁର ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ରହିଥିବା ବେଳେ ଏଠାକାର ଶିକ୍ଷା ବ୍ୟବସ୍ଥା ନ କହିବା ଭଲ । ଉକ୍ତ ପଞ୍ଚାୟତର ବିଦ୍ୟାଳୟଗୁଡିକରେ କେଉଁଠି ଛାତ୍ରୀଛାତ୍ରଙ୍କ ସଂଖ୍ୟା ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ଶିକ୍ଷୟିତ୍ରୀ ଶିକ୍ଷକ ରହିଥିଲେ ମଧ ପିଲାସଂଖ୍ୟା କମ୍ ରହୁଛି । ଏଭଳି ଅବ୍ୟବସ୍ଥା ଥିବା ଏକ ବିଦ୍ୟାଳୟ ସମ୍ପାଇ ପଞ୍ଚାୟତର କୁସୁମା ଗ୍ରାମରେ ରହିଛି । ଏଠାକାର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୬୯ରେ ସ୍ଥାପିତ ହୋଇଥିବା ବେଳେ ଏହା ପ୍ରାଥମିକ ବିଦ୍ୟାଳୟ ଥିଲା । ରାଜ୍ୟ ସରକାର ୨୦୦୨ରେ ଏହାକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ଦେବା ପରଠାରୁ ବର୍ତ୍ତମାନ ଯାଏ କେହି ମଧ ସ୍ଥାୟୀ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇ ନାହାନ୍ତି । ଏଠାରେ ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ୧୬୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ନବମରେ ୨୯ ଓ ଦଶମ ଶ୍ରେଣୀରେ ୧୨ ଜଣ ପିଲା ଥିବାବେଳେ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି ପାଇ ନାହାନ୍ତି । ପୂର୍ବରୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳି ନଥିଲା । ଏବେ ପୁଣି ଥରେ ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଭେଟି ଶିକ୍ଷକ ଓ ହଷ୍ଟେଲ ବ୍ୟବସ୍ଥା କରାଇବା ପାଇଁ ଦାବି ଜଣାଇଛନ୍ତି । ବିଦ୍ୟାଳୟରେ ୪୫ରୁ ଊର୍ଦ୍ଧ୍ୱ ଆଦିବାସୀ ଓ ଦଳିତ ଛାତ୍ରୀଛାତ୍ର ଓ ଚିତ୍ରକୋଣ୍ଡା ବ୍ଲକରୁ ବିସ୍ଥାପିତ ହୋଇଥିବା ୭ଟି ପରିବାରର ପିଲା ପାଠ ପଢୁଛନ୍ତି । ଏନେଇ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ବିଦ୍ୟାଳୟରେ ସାଙ୍କସନ ପୋଷ୍ଟ ଅଛି ନା ନାହିଁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଉଠିଥିବା ଦାବି ସମ୍ପର୍କରେ ବ୍ଲକ ସ୍ତରର ଅଧିକାରୀଙ୍କ ସହ ଆଲୋଚନା କରି ପୂରଣ କରିବା ପାଇଁ ଚେଷ୍ଟା କରାଯିବ ।


କୁସୁମା ବିଦ୍ୟାଳୟ ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

